# ରୁଷିଆର ଭେଲିକି ନୋଭଗୋରୋଡରେ ଭାରତୀୟ ଛାତ୍ରଙ୍କ ମୃତ୍ୟୁ

ଜୁନ୍ ୦୭, ୨୦୨୪

ରୁଷିଆର ଭେଲିକି ନୋଭଗୋରୋଡସ୍ଥିତ ୟାରୋସ୍ଲାଭ୍-ଦ-ୱାଇଜ୍ ନୋଭଗୋରୋଡ୍ ଷ୍ଟେଟ୍ ୟୁନିଭର୍ସିଟିରେ ପଢୁଥିବା ୪ ଜଣ ଭାରତୀୟ ଛାତ୍ର ଭୋଲଖୋଭ ନଦୀରେ ବୁଡ଼ି ଯାଇଛନ୍ତି। ଏହି ଘଟଣାରେ ଅନ୍ୟ ଜଣେ ଭାରତୀୟ ଛାତ୍ର ବୁଡ଼ିଯାଉଥିବାବେଳେ ତାଙ୍କୁ ଉଦ୍ଧାର କରି ଚିକିତ୍ସା କରାଯାଉଛି।

ସେଣ୍ଟ ପିଟର୍ସବର୍ଗରେ ଥିବା ଆମ ଦୂତାବାସ ବିଶ୍ୱବିଦ୍ୟାଳୟ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରି ସମସ୍ତ ସମ୍ଭାବ୍ୟ ସହାୟତା ପ୍ରଦାନ କରୁଛନ୍ତି । ସ୍ଥାନୀୟ ପ୍ରଶାସନ ଏପର୍ଯ୍ୟନ୍ତ ଭୋଲକୋଭ ନଦୀରୁ ଦୁଇଟି ମୃତଦେହ ଉଦ୍ଧାର କରିଛନ୍ତି। ଆମେ ପରିବାର ବର୍ଗଙ୍କୁ ସମବେଦନା ଜଣାଉଛୁ। ଅନ୍ୟ ଦୁଇ ନିଖୋଜ ଛାତ୍ରଙ୍କୁ ଖୋଜିବା ଜାରି ରହିଛି। ଦୁର୍ଘଟଣାରେ ସମ୍ପୃକ୍ତ ୫ ଜଣ ଛାତ୍ର ମହାରାଷ୍ଟ୍ରର ଜଳଗାଓଁ ଜିଲ୍ଲାର ବୋଲି ଜଣାପଡ଼ିଛି।

ସେଣ୍ଟ ପିଟର୍ସବର୍ଗସ୍ଥିତ ଆମର ଦୂତାବାସ ମୃତଦେହ ଫେରାଇ ଆଣିବା ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରୁଛନ୍ତି। ଦୂତାବାସ ମହାରାଷ୍ଟ୍ରର ଜଳଗାଓଁରେ ଥିବା ପରିବାର ଏବଂ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗରେ ରହିଛି।

**ନୂଆଦିଲ୍ଲୀ**
**ଜୁନ୍ ୦୭, ୨୦୨୪**